# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28th June - 2026

*********************************

***Desk***

## ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୩୫ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାରେ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Desk*

# ପୁରୀ - ସ୍ନାନଯାତ୍ରା

ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ । ପୂର୍ବପ୍ରସ୍ତୁତି ଅନୁସାରେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସର୍ବସାଧାରଣ ଦର୍ଶନ ଆଜି ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ବନ୍ଦ ରହିଛି । ସ୍ନାନ ପୂର୍ଣ୍ଣିମା ପହଣ୍ଡି ପୂର୍ବରୁ ଦଇତାପତି ସେବକମାନେ ମହାପ୍ରଭୁଙ୍କର ବାହୁଟ କଣ୍ଠ ଓ ସେନାପଟା ଲାଗି ନୀତି ସମ୍ପନ୍ନ କରିଛନ୍ତି । ସେନାପଟା ଲାଗି ନୀତି ଶ୍ରୀମନ୍ଦିରର ଏକ ଗୁପ୍ତ ନୀତିଯୋଗୁଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାପାଇଁ ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

*Desk*

# ମହାନଦୀ ଜଳବିବାଦ

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ଲାଗି ଉଭୟ ରାଜ୍ୟର ବୈଷୟିକ ଦଳ ପକ୍ଷରୁ ଦିଆଯାଇଥିବା ରିପୋର୍ଟ' ଟ୍ରିବ୍ୟୁନାଲ୍‌ରେ ସମୀକ୍ଷା କରାଯାଇଥିଲା । ଉଭୟ ରାଜ୍ୟରେ ପ୍ରବାହିତ ମହାନଦୀର କେଉଁ ସ୍ଥାନରେ କେତେ ପରିମାଣର ପାଣି ରହିଛି, ତା'ର ରିପୋର୍ଟ ପ୍ରଦାନ କରିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଥିଲେ ।

ଆସନ୍ତା ମାସ ୧୧ ତାରିଖରେ ଟ୍ରିବ୍ୟୁନାଲ୍‌ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି ।

***Kalahandi/R***

# ଏମ୍.ଏସ୍.ଏମ୍.ଇ. ପାର୍କ

କଳାହାଣ୍ଡି ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ପ୍ରୋତ୍ସାହିତ ଏବଂ ସଶକ୍ତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କେସିଙ୍ଗାସ୍ଥିତ କୁର୍ଲୁପଡ଼ାଠାରେ ଏମ୍.ଏସ୍.ଏମ୍.ଇ. ପାର୍କର ଉଦ୍‌ଘାଟନ କରିଛନ୍ତି । ୪୮ ଏକରରୁ ଊର୍ଦ୍ଧ୍ୱ ପରିମିତ ସ୍ଥାନରେ ଏହି ପାର୍କ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହାଦ୍ୱାରା ଜିଲ୍ଲାରେ ଶିଳ୍ପାୟନ ଏବଂ ନବଉଦ୍ୟୋଗୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

# ପଲ୍‌ସ ପୋଲିଓ ଅଭିଯାନ

ଦେଶବ୍ୟାପୀ ପଲ୍‌ସ ପୋଲିଓ ଟୀକାକରଣ ଅଭିଯାନ ଆଜିଠାରୁ ଅନୁଷ୍ଠିତ ହେଉଛି । ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡାକ୍ତରଖାନାଗୁଡ଼ିକ ବ୍ୟତୀତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ

ବିଭିନ୍ନ ସ୍ଥାନରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାପାଇଁ ବ୍ୟବସ୍ଥା କରାଯାଇଛି । ପୋଲିଓ ବୁନ୍ଦା ଆଜି ନେଇ ନ ଥିବା ଶିଶୁମାନଙ୍କୁ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପୋଲିଓ ବୁନ୍ଦା ଖୁଆଇବେ ।

***Kandhamal, Ganjam/R***

## ଏସ୍.ଆଇ.ଆର୍.

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍. ଅଭିଯାନ ଆଜି ଶେଷ ହେବ । ରାଜ୍ୟର ସମସ୍ତ ଜିଲ୍ଲାରେ ପରିଗଣନା ଫର୍ମର ଡିଜିଟାଇଜେନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ମାସ ୫ ତାରିଖରେ ଚିଠା ତାଲିକା ପ୍ରକାଶ ପାଇବ ।

କନ୍ଧମାଳ ଜିଲ୍ଲାରେ ଶତ ପ୍ରତିଶତ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ଡିଜିଟାଇଜେସନ କାର୍ଯ୍ୟ ଶେଷ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଗଞ୍ଜାମ ଜିଲ୍ଲାରେ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏସ୍.ଆଇ.ଆର୍. ସମ୍ପର୍କିତ ସମୀକ୍ଷା ବୈଠକରେ ଡିଜିଟାଇଜେସନ କାର୍ଯ୍ୟ, ଏ.ଏସ୍.ବି. ତାଲିକା ପ୍ରସ୍ତୁତି ଏବଂ ସମସ୍ତ ତ୍ରୁଟିର ସୁଧାର ନିମନ୍ତେ ସମୀକ୍ଷା କରାଯାଇଛି ।

*Nabarangpur/R*

# ଶକ୍ତି ସଂରକ୍ଷଣ ପଦଯାତ୍ରା

ନବରଙ୍ଗପୁର ଜିଲ୍ଲାର ଉମରକୋଟସ୍ଥିତ ପି.ଏମ୍.ଶ୍ରୀ ସରକାରୀ ଉନ୍ନୀତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପକ୍ଷରୁ ଶକ୍ତି ସଂରକ୍ଷଣ ଏବଂ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶକ୍ତିବିଭାଗ ଆନୁକୂଲ୍ୟରେ ପ୍ରସ୍ତୁତ ସତର୍କତାମୂଳକ ପ୍ରଚାରପତ୍ରଗୁଡ଼ିକୁ ବିଭିନ୍ନ ସ୍ଥାନରେ ବଣ୍ଟନ କରାଯାଇଛି ।

*Bhadrak/R*

# ଷ୍ଟାଡିୟମ୍ ଉନ୍ନତୀକରଣ

ଭଦ୍ରକ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ସ୍ଥାନୀୟ ନେହେରୁ ଷ୍ଟାଡିୟମର ଉନ୍ନୟନ ଓ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ୨୩ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି ।  ଜିଲ୍ଲାପାଳ ଡକ୍ଟର ଦିଲୀପ ରାଉତରାୟ ଏ ସମ୍ପର୍କିତ ସରକାରୀ ପତ୍ର ଜାରି କରିଛନ୍ତି ।

***Desk***

# ବୀମା ସଚେତନତା ଦିବସ

ଜଣେ ବ୍ୟକ୍ତି ଓ ପରିବାରକୁ ଅପ୍ରତ୍ୟାଶିତ ଆର୍ଥିକ ଅସୁବିଧାରୁ ରକ୍ଷା କରିବାରେ ବୀମା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବୀମାର ଗୁରୁତ୍ୱକୁ ଉପଲବ୍ଧି କରିବା ସହିତ ଏହାକୁ ପ୍ରୋତ୍ସାହିତ କରିବା ନେଇ ଆଜି **ଜାତୀୟ ବୀମା ସଚେତନତା ଦିବସ** ପାଳନ କରାଯାଉଛି । ସ୍ୱାସ୍ଥ୍ୟବୀମାଠାରୁ ଆରମ୍ଭ କରି ପେନ୍‌ସନ୍ ବୀମା ପର୍ଯ୍ୟନ୍ତ ଅନେକ ପ୍ରକାରର ବୀମା ଲୋକମାନଙ୍କୁ ସରକାରୀ ଓ ବେରସକାରୀ ଅନୁଷ୍ଠାନଗୁଡ଼ିକ ଯୋଗାଇଥା'ନ୍ତି ।

***Met.O.***

# ପାଣିପାଗ

ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ସକ୍ରିୟ ପ୍ରଭାବରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଭାଗର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି । ସୂଚନା ଅନୁସାରେ କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର କେତେକ ସ୍ଥାନରେ ଆଜି ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ' ଆସନ୍ତା ବୁଧବାରଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*****